ଧରିତ୍ରୀ
DHARITRI
ରାୟଗଡ଼ା, ଶୁକ୍ରବାର, ୨୩ ଡିସେମ୍ବର, ୨୦୨୨

## ଚୋରି ମାମଲାରେ ଜଣେ ଗିରଫ

ଜୟପୁର, (ନି.ପ୍ର.)- ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗୁରୁବାର ଟାଉନଥାନା ପୋଲିସ ଗିରଫ କରଛି। ସେ ହେଲେ ଓଡିଆ ମେଦ୍ରି ସାହିର ସୁନିଲ ପରଜା ଏଲିୟସ ଲାଲୁ (୨୩)। ସହରର ଶାନ୍ତିନଗରରେ ଗତ ୭ ତାରିଖରେ ଚୋରି ହୋଇଥିଲା। ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ସୁନାମୁଦି ଲକେଟ, ମୋବାଇଲ ଚୋରି କରି ନେଇଥିଲେ। ଏନେଇ ରୀତା ପଣ୍ଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏଥିରେ ସୁନିଲଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଗିରଫ କରିଥିଲା।



# ଜାନୁୟାରୀରୁ ଚାଲିବ ଯାତ୍ରୀବାହୀ ଟ୍ରେନ୍

କୋରାପୁଟ,୨୨।୧୨(ସ୍ୱ.ପ୍ର.)

**ରେଳ ଦୋହରୀକରଣ କାର୍ଯ୍ୟ ନିରୀକ୍ଷଣ କଲେ ଡିଆର୍ଏମ୍**

କୋରାପୁଟ-ରାୟଗଡ଼ା ରେଳପଥ (କେଆର୍) ଲାଇନ୍‌ର କୋରାପୁଟରୁ ଦାମନଯୋଡ଼ି, କୋରାପୁଟରୁ କିରାଣ୍ଡୁଲ ଏବଂ କୋରାପୁଟରୁ ମାନାବାର ମଧ୍ୟରେ ୨୬ କି.ମି. ରେଳଲାଇନର ଦୋହରୀକରଣ କାର୍ଯ୍ୟ ଶେଷ ହୋଇଛି। ଏହାର ନିରୀକ୍ଷଣ ପାଇଁ ଗୁରୁବାର ରେଲୱେ ୱାଲ୍‌ଟିୟର ଡିଭିଜନର ଡିଆର୍‌ଏମ୍ ଅନୁପ ଶତପଥୀ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ କୋରାପୁଟ ଗସ୍ତ କରିଛନ୍ତି। କେଆର୍ ରେଳଲାଇନର ଡମୁରିପୁଟ ଓ ଦାମନଯୋଡ଼ି ଯାଏ ହୋଇଥିବା ଦୋହରୀକରଣ ରେଳଲାଇନରେ ସେ ଟ୍ରେନ୍ ଦ୍ୱାରା ଯାଇ ଟ୍ରାକ୍ ଓ ଲାଇନର ସମସ୍ତ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ସେହିପରି କେକେ ଲାଇନର କୋରାପୁଟରୁ ମାନାବାର ଯାଏ ହୋଇଥିବା ଦୋହରୀକରଣ ରେଳ ଲାଇନରେ ମଧ୍ୟ ପରୀକ୍ଷଣ ଟ୍ରେନ୍ ଗଡ଼ିଛି। ଡିଆର୍‌ଏମ୍ ଶତପଥୀ ଓ ସିଆର୍‌ଏସ୍‌ର ମୁଖ୍ୟଯନ୍ତ୍ରୀ କେ.ଡି. ରାଓ ପରୀକ୍ଷଣ ଟ୍ରେନ୍‌ରେ ଯାଇ ସମସ୍ତ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ୨୬ କି.ମି. ରାସ୍ତାରେ ଡୁମୁରିପୁଟ, ଦାମନଯୋଡ଼ି, ମାନାବାର ଆଦି ୩ ଷ୍ଟେଶନ ପଡୁଛି। ଏଗୁଡିକର ସାମଗ୍ରିକ ବିକାଶ କାର୍ଯ୍ୟ ଚାଲିଛି ବୋଲି ସେ ପ୍ରକାଶ କରିଥିଲେ। ଆସନ୍ତା ଜାନୁୟାରୀ ଦ୍ୱିତୀୟ ସପ୍ତାହରୁ ଏହି ଦୋହରୀକରଣ ରେଳଲାଇନରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରିବ ବୋଲି ସେ ସୂଚନା ଦେଇଛନ୍ତି। କୋରାପୁଟ ଷ୍ଟେଶନର ୩ ନମ୍ବର ପ୍ଲାଟ୍‌ଫର୍ମ କାର୍ଯ୍ୟ ଚାଲିଛି। ଏହି ନୂତନ ପ୍ଲାଟ୍‌ଫର୍ମକୁ ଅଧିକ ଲମ୍ୱା କରାଯାଉଛି, ଏହାଦ୍ୱାରା ଆଗାମୀ ଦିନରେ ଷ୍ଟେଶନରେ ଅଧିକ ଲମ୍ୱା ଟ୍ରେନ୍‌ମାନ ରହିବାରେ ସହାୟକ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଷ୍ଟେଶନ ମ୍ୟାନେଜର ନବକିଶୋର ଭିତିରିଆଙ୍କ ସମେତ ରେଲୱେର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ ।


ଡିଆର୍‌ଏମ୍ ଅନୁପ ଶତପଥୀ ରେଳଲାଇନ ଦୋହରୀକରଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି।

## ସପ୍ତାହେ ହେବ ଡାକଘରେ ତାଲା

ନାରାୟଣପାଟଣା, ୨୨।୧୨(ଡି.ଏନ.ଏ.)

ଗତ ସପ୍ତାହ ଧରି କୋରପୁଟ ଜିଲାର ନାରାୟଣପାଟଣା ବ୍ଲକ ସଦରରେ ଥିବା ଡାକ ଘରେ ତାଲା ଝୁଲୁଛି। ଫଳରେ ଜମାକାରୀଙ୍କ ସହ ଡାକବିଭାଗକୁ ବିଭିନ୍ନ କାମରେ ଆସୁଥିବା ଜନସାଧାରଣ ତାଲା ପଡିଥିବା ଦେଖି ନିରଶ ହୋଇ ଫେରୁଛନ୍ତି। ଏନେଇ ସାଧରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଏଠାରେ ଚଳିତ ମାସରେ ନୂତନ ଡାକ ଅଧିକାରୀ ଯୋଗ ଦେଇଥିଲେ। ସଡକ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ବିଭାଗ ଅନ୍ୟ କାହାକୁ ଏଠାକୁ ନ ପଠାଇବାରୁ ଏପରି ପରିସ୍ଥିତି ଉପୁଜିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୨।୧୨ (ଡି.ଏନ୍.ଏ.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲା ପୋଲିସ ନିକଟରେ ଜଣେ ମହିଳା ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ କୁମାରୀ ହେମଲା। ଛତିଶଗଡ଼ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା 'ଘରକୁ ଫେରିଆସ ଅଭିଯାନ'ରେ ଅନୁପ୍ରାଣିତ ହୋଇ ସେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଆଇଜି, ଏସ୍‌ପି, ସିଆର୍‌ପିଏଫ୍ ଡିଆଇଜି ପ୍ରମୁଖଙ୍କ ଉପସ୍ଥିତିରେ ହେମଲା ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ସରକାର ହେମଲାଙ୍କ ନାମରେ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଆତ୍ମସମର୍ପଣ କରିଥିବା ହେମଲାଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ମିଳିବ ବୋଲି ଦାନ୍ତେୱାଡା ପୋଲିସ କହିଛି।

### ଫାଇନାଲରେ ଜିତିଲା ଖଇରପୁଟ

ମାଥିଲି,୨୨।୧୨(ଡି.ଏନ.ଏ.)-ମାଲକାନଗିରି ଜିଲା ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡିସେମ୍ବର ୧ରୁ ବିଶ୍ୱ ଏଡ୍ସ ଦିବସ ଅବସରରେ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆଠାରେ ଆରମ୍ଭ ହୋଇଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଖଇରପୁଟ ସିଏଚ୍‌ସି ଓ ଓ ଖଇରପୁଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା । ଏଥିରେ ପ୍ରଥମେ ଖଇରପୁଟ ଦଳ ବ୍ୟାଟିଂ କରି୧୨ ଓଭରରେ ୭ ଉଇକେଟ ବିନିମୟରେ ୧୦୩ ରନ କରିଥିଲା। ସିଏଚ୍‌ସି ଟିମ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂକରି ୮ ଉଇକେଟ ବିନିମୟରେ ୮୧ ରନରେ ସୀମିତ ରହିଥିଲା। ଫଳରେ ଫାଇନାଲରେ ଖଇରପୁଟ ଟିମ୍ ବିଜୟୀ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ସମ୍ପିତ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ମାନସ ରଞ୍ଜନ ନାୟକ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଦେଖିବାକୁ ଛାତ୍ରୀଛାତ୍ରଙ୍କ ସମେତ ବହୁ ଜନସମାଗମ ହୋଇଥିଲା।

### ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ସୁନାବେଡ଼ା,୨୨।୧୨(ସ୍ୱ.ପ୍ର.)-ସୁନାବେଡ଼ା ମହିଳା ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ନାରୀର କାର୍ଯ୍ୟ (ଦୃଶ୍ୟମାନ- ଅଦୃଶ୍ୟମାନ) ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୌର ପରିଷଦର ଉପାଧ୍ୟକ୍ଷା ରତୁ କଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ନାରୀର ଅଦୃଶ୍ୟ କାର୍ଯ୍ୟକୁ ଦୃଶ୍ୟମାନରେ ପରିଣତ କରି ପ୍ରତ୍ୟେକ ନିଜ ପରିଚୟ ସୃଷ୍ଟି କରିବା ପାଇଁ ଉପଦେଶ ଦେଇଥିଲେ। ଧନୁର୍ଜୟ କଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଉମାଶଙ୍କର ପ୍ରସାଦ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ନାରୀର ଦୃଶ୍ୟମାନ ଓ ଅଦୃଶ୍ୟମାନ କାର୍ଯ୍ୟ ସମ୍ପର୍କରେ ଆଲୋଚନାକରି ନାରୀ ସବୁବେଳେ ମହାନ୍ ବୋଲି କହିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଉଷାରାଣୀ ଦାସ ପରିଚାଳନା କରି ନାରୀର ଅଦୃଶ୍ୟ କାର୍ଯ୍ୟକୁ ସମ୍ମାନ ଦେଲେ ପରିବାର ତିଷ୍ଠିରହିପାରିବ ଏବଂ ସାମାଜିକ ସନ୍ତୁଳନ ରକ୍ଷା ହୋଇପାରିବ ବୋଲି ମତ ଦେଇଥିଲେ। ଛାତ୍ରୀ ସରସ୍ୱତୀ ଡାକୁଆ, ରୋଶନୀ ସାହୁ, ଶିବାନୀ ଡାକୁଆ, ଜି. କୁସୁମା ଆଲୋଚନାରେ ଭାଗ ନେଇଥିଲେ । ତୃତୀୟ ବର୍ଷ ଛାତ୍ରୀ ଅନସୂୟା ଖୋସ୍‌ଲା ସ୍ୱାଗତ ସୂଚନା ଦେଇଥିଲେ। ଛାତ୍ରୀ ବବିତା ପାତ୍ର ଧନ୍ୟବାଦ ଦେଇଥିଲେ।

### ଦୁର୍ଘଟଣାରେ ୪ ଗୁରୁତର



ସୁନାବେଡା, ୨୨।୧୨(ସ୍ୱ.ପ୍ର.)- ହାଲ ଟାଉନସିପ ପରିସର ଏସ୍ ଜୋନ ଛକ ନିକଟରେ ଏକ ଦୁର୍ଘଟଣା ଘଟିଛି। 'ବି' ଜୋନ ଗୋଲେଇ ଛକପଟୁ 'ପି' ଜୋନ ଛକ ଆଡକୁ ଯାଉଥିବା ଏକ କାର୍ (ଓଆର୦୨ଏଟି-୩୧୭୩) ଦ୍ରୁତଗତିରେ ଯାଇ ଏକ ବାଇକ (ଏପି୩୧ବିଜେଡ୍ ୮୯୯୫ )କୁ ଧକ୍କା ଦେଇଥିଲା। ଫଳରେ ବାଇକରେ ଥିବା ଭି. ନାଗରାଜୁ ତାଙ୍କ ସ୍ତ୍ରୀ ଏସ.ଲକ୍ଷ୍ମୀ (୩୫)ଓ ୪ବର୍ଷର ଝିଅ ଆହତ ହୋଇଥିଲେ। କାର୍ ଚାଳକ ସ୍ୱନ୍ଦନ ପାତ୍ର (୨୦) ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ପରେ କାର୍‌ଟି ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ପୀଡିତଙ୍କୁ ହାଲ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇ ଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସମସ୍ତଙ୍କୁ ବିଶାଖାପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି । ଘଟଣା ସମ୍ପର୍କରେ ଖବର ପାଇ ସୁନାବେଡା ଥାନା ଅଧିକାରୀ ସହକର୍ମୀଙ୍କ ସହ ପହଞ୍ଚି ଗାଡି ଦୁଇଟିକୁ ଜବତ କରିଛନ୍ତି। କେସ୍ ନଂ. ୨୧୨/୨୨ରେ ଏକ ମାମଲା ରୁଜୁ ହୋଇଛି।

# ଚିତ୍ରାଙ୍କନ ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର

କୋରାପୁଟ,୨୨।୧୨(ସ୍ୱ.ପ୍ର.)

**ସୁନାବେଡାରେ ଓଡ଼ିଶା ପରିବେଶ କଂଗ୍ରେସ**

କୋରାପୁଟରେ ପିଲାଙ୍କ ପରିବେଶ କଂଗ୍ରେସ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପରିବେଶ ଓ ଆଦିବାସୀ ବିଷୟକୁ ନେଇ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ, ଲୋକଗୀତ, ପ୍ରବନ୍ଧ, ରଚନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ କୋରାପୁଟ ଜିଲାର ବିଭିନ୍ନ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଜିଲାପାଳ ଅବଦାଲ ଏମ. ଅଖତାର, କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ, କୋଟସ ଅଧ୍ୟକ୍ଷ ପ୍ରଫେସର ଗୀତା ରାୟ, ଓଡିଶା ପରିବେଶ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ, ସମ୍ପାଦକ ବକ୍ସିପାତ୍ର, କୋଟସର ନିର୍ଦ୍ଦେଶକ, ପ୍ରଫେସର ଜଗବନ୍ଧୁ ସାମଲ, ସାମାଜିକ କର୍ମୀ ଯୁମି ଡାନିଏଲ, ଶରତ ପଟ୍ଟନାୟକ, ରୁପକ ତୁରକ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଖବରଦାତା ସିଏସ ସାନ୍ତାକାର ପରିଚାଳନା କରିଥିଲେ।

ଜିଲାର ସୁନାବେଡାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ୍‌ଠାରେ ବୁଧବାର ୩ଦିନିଆ ୧୩ତମ ଓଡିଶା ପରିବେଶ କଂଗ୍ରେସ-୨୦୨୨ ଉଦ୍‌ଘାଟିତ ହୋଇଥିଲା। ଏଥିରେ କୁନ୍ଦୁରାର ରାଇମତି ଘୁଁଡିଆ, ଖଇରପୁଟର ସୁରେନ୍ଦ୍ର ନାୟକ, କାଶୀପୁରର ସୁମନି ଝୋଡିଆ ଯୋଗଦେଇ ପରିବେଶ କଂଗ୍ରେସକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ପରିବେଶ କଂଗ୍ରେସର କୋ-ଚେୟାରମ୍ୟାନ ଡ. ଅରବିନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଉଦଘାଟନୀ ଉତ୍ସବରେ ଭାରତର ଜଳବାୟୁ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ମୁଖ୍ୟଅତିଥି ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କମଳକାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଆବାହକ ପ୍ରଫେସର ଶରତ ପଲିତା ସ୍ୱାଗତ ସୂଚନା ଦେଇଥିଲେ। ଓଡ଼ିଶା ପରିବେଶ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ ଓ ସମ୍ପାଦକ ଭୃଗୁ ବକ୍ସିପାତ୍ର ଉପସ୍ଥିତ ଥିଲେ । ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିଶିରକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରରୁ ବହୁ ବୈଜ୍ଞାନିକ ଓ ଶିକ୍ଷାବିତମାନେ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ।


ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

# କାଗଜକଳ ୟୁନିଟ୍ ହେଡ୍‌ଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବେ ଅବସରପ୍ରାପ୍ତ ଶ୍ରମିକ

ଜୟପୁର,୨୨।୧୨(ନି.ପ୍ର.)

ସେବା କାଗଜକଳ ଅବସରପ୍ରାପ୍ତ ଶ୍ରମିକମାନେ ୟୁନିଟ୍ ହେଡ୍‌ଙ୍କ ବାସଭବନ ସମ୍ମୁଖରେ ଆସନ୍ତା ଜାନୁୟାରୀ ପ୍ରଥମ ସପ୍ତାହରେ ଧାରଣା ଦେବାକୁ ନୋଟିସ ଦେଇଛନ୍ତି। ଇପିଏଫ୍, ପେନ୍‌ସନ ପାଇଁ ମ୍ୟାନେଜମେଣ୍ଟକୁ ଶ୍ରମିକମାନେ ବାରମ୍ବାର କହିଲେ ଶୁଣୁନାହିଁ। ୟୁନିଟ୍ ହେଡ୍ ଓ ଏଚ୍‌ଆର୍ ହେଡ୍ ମନଇଚ୍ଛା କାର୍ଯ୍ୟ କରି ପ୍ରଶାସନ ଓ ଅନ୍ୟମାନଙ୍କୁ ଆମେ ଅବସରପ୍ରାପ୍ତ ଶ୍ରମିକମାନଙ୍କୁ ନିଯୁକ୍ତି ଦେଉଛୁ ବୋଲି ମିଛ ରିପୋର୍ଟ ଦେଉଛନ୍ତି। ଅନ୍ୟପକ୍ଷରେ ଏବେ କାରଖାନା ଚାଲୁନାହିଁ। ଯେଉଁ ଅବସରପ୍ରାପ୍ତ ଶ୍ରମିକମାନେ କାମ କରୁଛନ୍ତି ସେମାନଙ୍କୁ ଦୁଇ ତିନି ମାସ ଧରି ଅଧା ଦରମା ମଧ୍ୟ ମିଳୁନାହିଁ। ଯେଉଁ ଶ୍ରମିକମାନେ ମରିଯାଇଛନ୍ତି ସେମାନଙ୍କ ପରିବାର ଅତ୍ୟନ୍ତ ଦୁରବସ୍ଥାରେ କାଳ କାଟୁଛନ୍ତି । ସେପ୍ଟେମ୍ବର ୨୦ରେ ପଞ୍ଚବଟୀସ୍ଥିତ ୟୁନିଟ୍ ହେଡ୍‌ଙ୍କ ବାସସ୍ଥାନରେ ଦଣ୍ଡାୟମାନ ଧାରଣା ବେଳେ ୟୁନିଟ୍ ହେଡ୍ ଯେଉଁମାନଙ୍କୁ ଡ୍ୟୁଟିରେ ନିଆଯାଇନାହିଁ ଅବା ଯେଉଁ ଶ୍ରମିକମାନଙ୍କ ମୃତ୍ୟୁ ହୋଇଛି ସେମାନଙ୍କ ପରିବାରକୁ ପ୍ରତି ମାସରେ ବକେୟା ପାଉଣାରୁ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେତେବେଳେ ଅବସରପ୍ରାପ୍ତ ଶ୍ରମିକମାନେ ସେମାନଙ୍କୁ ପ୍ରତି ମାସରେ ୨୦ହଜାର ଟଙ୍କା ଲେଖାଏ ଦେବାକୁ ଦାବି କରିଥିଲେ। ବର୍ତ୍ତମାନ ମ୍ୟାନେଜମେଣ୍ଟ କୌଣସି କଥା ଶୁଣିବା ପାଇଁ ଚାହୁଁନାହିଁ। ଯଦି ଅବସରପ୍ରାପ୍ତ ଶ୍ରମିକମାନଙ୍କ କଥା ଶୁଣା ନ ଯାଏ ସେମାନେ ୨୦୨୩ ଜାନୁୟାରୀ ପ୍ରଥମ ସପ୍ତାହରୁ ୟୁନିଟ୍ ହେଡ୍‌ଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବେ ବୋଲି ଶ୍ରମିକ ନେତା ପ୍ରମୋଦ ମହାନ୍ତି କହିଛନ୍ତି।

## ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଶିବିର




ମାଥିଲି,୨୨।୧୨(ଡି.ଏନ୍.ଏ.)

କିଆଙ୍ଗଠାରେ ଗୁରୁବାର ବିଏସ୍‌ଏଫ୍ ପକ୍ଷରୁ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ସେରପାଲ୍ଲି, ଲାଲାଗୁଡ଼ା, ଜିଗ୍ରାପାଲ୍ଲି,ମେଣ୍ଡାପାଲି ଗ୍ରାମର ଲୋକେ ଚିକିତ୍ସା ସୁଯୋଗ ନେଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଔଷଧ ପ୍ରଦାନ କରାଯାଇଥିଲା। ମୋଟ ୩୦୫ ଜଣ ଶିବିରରେ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରେ ୧୩୨ ମହିଳା, ୧୪୮ ପୁରୁଷ, ଏବଂ ୨୫ ଶିଶୁ ଥିଲେ। କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ ସଞ୍ଜୀବ କୁମାର, ଇନ୍ସପେକ୍ଟର ରାମପାଲ୍, ଗତିକୃଷ୍ଣ ପ୍ରଦେଶ, ସରପଞ୍ଚ ଲକିନାଥ ପୂଜାରୀଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ଜୟପୁରରେ ଜାତୀୟ ଗଣିତ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଜୟପୁର,୨୨।୧୨(ନି.ପ୍ର.)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରରେ ଗୁରୁବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ବିଶ୍ୱରଞ୍ଜନ ଗୌଡ଼, ଦେବେନ୍ଦ୍ର ପାଢ଼ୀ, ରଶ୍ମିତା ନାହାକ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଭାରତର ସର୍ବଶ୍ରେଷ୍ଠ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଜୀବନୀ, କୃତିତ୍ୱ ଓ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ନାୟକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଦୁର୍ଗାପ୍ରସାଦ ପାତ୍ର, ପ୍ରଭାତ ରଥ, ସାଗରିକା ପାତ୍ର, ପପିତା ପ୍ରଧାନ, ସନ୍ତୋଷିନୀ ପଣ୍ଡା, ନରେଶ ଷଡ଼ଙ୍ଗୀ, ଭଗବାନ ସାବତ, ବନିତା ଶତପଥୀ, ସୁଚରିତା ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅଜଗର ଉଦ୍ଧାର

ମାଲକାନଗିରି,୨୨।୧୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବନ ବିଭାଗ ଗୁରୁବାର ଏକ ବିଶାଳ ଅଜଗର ଉଦ୍ଧାର କରିଛି। କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପିଟାଗାଟା ଗ୍ରାମର ଜଣଙ୍କ ଘର ସମ୍ମୁଖରେ ଅପରାହ୍ନ ୧୨ଟାରେ ଏକ ନାଗସାପ ଥିବା ଖବର ପାଇ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ସାପଟିର ଲମ୍ୱ ୧୫ ଫୁଟରୁ ଉର୍ଦ୍ଧ୍ୱ ରହିଛଇ। ପରେ



ସାପକୁ ମାଲକାନଗିରି ରେଞ୍ଜ ଅଫିସକୁ ଆଣି ସେଠାରେ ସୁରକ୍ଷିତ ଭାବେ ରଖାଯାଇଛି। ସାପର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୌଣସି ଜଙ୍ଗଲରେ ନେଇ ଛଡାଯିବ ବୋଲି ବିଭାଗ ସୂଚନା ଦେଇଛି।

# ପଞ୍ଚାୟତରୁ ଜିଲା ପର୍ଯ୍ୟନ୍ତ ହେବ ସୁରକ୍ଷା ବଳୟ

ମାଲକାନଗିରି,୨୨।୧୨(ଡି.ଏନ୍.ଏ.)

**ଶିଶୁଙ୍କ ସୁରକ୍ଷା ଚିନ୍ତା**

ଜିଲା ସୁରକ୍ଷା ୟୁନିଟ୍ ଦ୍ୱାରା ଜିଲାର ସମସ୍ତ ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ନେଇ ଡିଆର୍‌ଡିଏ ସଭାଗୃହରେ ଏକ ଜିଲାସ୍ତରୀୟ କର୍ମଶାଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ ଅଧ୍ୟକ୍ଷତା କରିଥିଲେ। ଜିଲାରେ ଶିଶୁଙ୍କ ସୁରକ୍ଷା ଓ ବିକାଶ ଲାଗି ଜିଲାସ୍ତରଠାରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ଶିଶୁମାନଙ୍କ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। କର୍ମଶାଳାରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ଅନୁରାଧା ମହାନ୍ତି, ଜିଲା ଶିକ୍ଷା ଅଧିକାରୀ ମାନସ ଜେନା, ଜିଲା ପରାମର୍ଶଦାତା ପ୍ରସନ୍ନ ମିଶ୍ର, ଚାଇଲ୍ଡଲାଇନର ନିତ୍ୟାନନ୍ଦ ପ୍ରଧାନ, ସମସ୍ତ ଶିଶୁ ଉନ୍ନୟନ ପ୍ରକଳ୍ପର ଅଧିକାରୀମାନେ ଉପସ୍ଥିତ ରହି ଶିଶୁମାନଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ପରିଚାଳନା କରି ଶିଶୁଙ୍କ ସୁରକ୍ଷା ପାଇଁ ଏକ ତ୍ରିସ୍ତରୀୟ ସୁରକ୍ଷା ବଳୟ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।


କର୍ମଶାଳାରେ ଅଧିକାରୀମାନେ ଶିଶୁ ସୁରକ୍ଷା ନେଇ ଆଲୋଚନା କରୁଛନ୍ତି।

# ୭ ଦିନିଆ ଶୀତ ଶିବିର ଉଦ୍‌ଘାଟିତ

ମାଲକାନଗିରି/ଗୋବିନ୍ଦପାଲି/ କୁଡୁମୁଲୁଗୁମ୍ମା,୨୨।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲିସ୍ଥିତ ଡାରଭିନ୍ ମେମୋରିଆଲ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ) ପକ୍ଷରୁ ବୁଧବାରଠାରୁ ୭ ଦିନିଆ ଶୀତକାଳୀନ ଶିବିରର ଆରମ୍ଭ ହୋଇଛି। ମାଳିଗୁଡା ବିଦ୍ୟାଳୟରେ ରହି ସ୍ୱେଚ୍ଛାସେବୀମାନେ ଗ୍ରାମକୁ ସ୍ୱଚ୍ଛ ରଖିବାକୁ ପ୍ରୟାସ କରିଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ରଥ,ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଶ୍ରୀନିବାସ ମୁଦୁଲି, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଭଗବାନ ସାହୁ, ସମ୍ମାନିତ ଅତିଥି ରୂପେ ଏ.ଗୋବିନ୍ଦ ରାଓ, ବିଇଓ ଶଶିଭୂଷଣ ମିଶ୍ର, ଅନ୍ୟତମ ଅତିଥିରୂପେ ଏନ୍‌ଏସ ଅଧିକାରୀ ଅଧିକାରୀ ସଞ୍ଜିତା ଖୋସଲା, ଅଧ୍ୟାପିକା ମଧୁମିତା ବିଶ୍ୱାଳ, ଅଧ୍ୟାପିକା ଏଭିନା ବେହେରା, ଅଧ୍ୟାପକ ଜନ୍ କୋରା, ଅଧ୍ୟାପକ ବିଶ୍ୱଜିତ୍ ମହାନ୍ତି, ପରିଚାଳନା କମିଟିର ପୂର୍ବତନ ସଦସ୍ୟ ବିଦ୍ୟାଧର ସାହାଣୀ, ପୂର୍ବତନ ଛାତ୍ର ଜ୍ୟୋତିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହରିଶ ଚନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଅଭୟ ସାହୁ ଧନ୍ୟବାଦ ଦେଇଥିଲେ।

# ସ୍ୱାମୀ ବିବେକାନନ୍ଦ ବିଦ୍ୟାପୀଠର ବାର୍ଷିକ କ୍ରୀଡା ଉଦ୍‌ଯାପିତ

କୋରାପୁଟ,୨୨।୧୨(ସ୍ୱ.ପ୍ର.)- କୋରାପୁଟସ୍ଥିତ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠର ୬ଦିନ ଧରି ଚାଲିଥିବା ଚଳିତ ବର୍ଷର ବାର୍ଷିକ କ୍ରୀଡା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସର ପ୍ରଥମ ଦିନ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ସମ୍ପାଦକ ରାମ ପ୍ରସାଦ ସରାଫ ଓ ଅନ୍ୟତମ ଅତିଥି ରୂପେ ଦୁଃଶାସନ ସ୍ୱାଇଁ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡାରେ ଏଲକେଜିଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତା ଯଥା ବଲ ବକେଟ, ଛୁଞ୍ଚି ଓ ସୂତା, ବାଲି ଓ ବୋତଲ, ଲମ୍ଫ ଡିଆଁ, ଖୋଖୋ, ଦୌଡ ଓ ଭାରସାମ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଦିନ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଖାତା ଭାରସାମ୍ୟ ତଥା କ୍ରିକେଟ ଖେଳ ଖେଳ ହୋଇଥିଲା। ଅନ୍ତିମ ପୁରସ୍କାର ବିତରଣ ଦିବସରେ ବିଦ୍ୟାଳୟ ସଭାପତି ଅମୂଲ୍ୟ ରଞ୍ଜନ ମହାପାତ୍ର ଯୋଗଦେଇ ବିଦ୍ୟାର୍ଥୀ ଜୀବନରେ କ୍ରୀଡାର ଉପଦେୟତା ଉପରେ ଆଲୋକପାତ କରି ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଅଧ୍ୟକ୍ଷା ଅତଶି ସାହୁ, ଅଶୋକ ପାଢ଼ୀ, ବୃନ୍ଦାବନ ସାହୁ, ଦୁଃଶାସନ ସ୍ୱାଇଁ, ମୋହନ ସରାଫ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡା ଶିକ୍ଷକ ଶରତ ଦଳାଇ ପରିଚାଳନା କରିଥିଲେ।

## ନିଳାଗୁଡାରେ ଅବକାରୀ ଚଢାଉ

ଜୟପୁର, ୨୨।୧୨ (ନି.ପ୍ର.)

ମଦ ବ୍ୟବସାୟୀମାନେ ଚୋରା ଚାଲାଣ ପାଇଁ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡାରେ ଅବକାରୀ ବିଭାଗ ଗୁରୁବାର ଚଢାଉ କରିଛି ।ଏନେଇ ଖବର ପାଇ ମଦ ବ୍ୟବସାୟୀମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ସେଠାରୁ କର୍ମଚାରୀମାନେ ୧୨୫୦ ଲିଟର ପୋଚ ଓ ୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଥିବା ଜଣାପଡିଛି। ମଦ ରନ୍ଧା ସରଞ୍ଜାମ ଓ ଡ୍ରମ ଜବତ ହୋଇଛି।

# ପୌର ଉପାଧ୍ୟକ୍ଷା ବୁଲିଲେ ବିଭିନ୍ନ ୱାର୍ଡ

ମାଲକାନଗିରି,୨୨।୧୨ (ଡି.ଏନ୍.ଏ.)

ମାଲକାନଗିରି ପୌର ପରିଷଦର ବିଭିନ୍ନ ୱାର୍ଡର ସମସ୍ୟାକୁ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଏପରିସ୍ଥଳେ ଗୁରୁବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କିପରି ଚାଲିଛି ଅନୁଧ୍ୟାନ ଲାଗି ପୌର ଉପାଧ୍ୟକ୍ଷା କବିତା ମହନ୍ତ ବିଭିନ୍ନ ୱାର୍ଡ ବୁଲିଛନ୍ତି। ଏହି ଅବସରରେ ସେ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ୧୫ ନଂ. ୱାର୍ଡରେ ଅନେକ ସ୍ଥାନରେ ନିମ୍ନମାନର କାର୍ଯ୍ୟ ହେଉଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ୱାର୍ଡର ପାନୀୟ ଜଳ,ପରିମଳ ବ୍ୟବସ୍ଥା, ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ତଦାରଖ କରି ସରକାରଙ୍କ ନିୟମ ଅନୁଯାୟୀ ଚୁକ୍ତିନାମା ଅନୁସାରେ କାର୍ଯ୍ୟ କରିବାକୁ ଠିକାଦାରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟ ସମସ୍ୟାଗୁଡିକ ତୁରନ୍ତ ସମାଧାନ ପାଇଁ ୱାର୍ଡମେମ୍ବର ବିକାଶ ଦାସ ଓ ୱାର୍ଡବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।


୧୫ ନଂ ୱାର୍ଡରେ ପୌର ଉପାଧ୍ୟକ୍ଷା କାର୍ଯ୍ୟ ବୁଲି ଦେଖୁଛନ୍ତି।

# ସପ୍ତାହକୁ ୪ ଦିନ ସାନ୍ତାଳୀ ଭାଷାରେ ଶିକ୍ଷା ବ୍ୟବସ୍ଥା

**ସାନ୍ତାଳୀ ଲିପି ଶିକ୍ଷା ଚାଟଶାଳୀ ଉଦ୍‌ଘାଟିତ**

ମାଲକାନଗିରି,୨୨।୧୨ (ଡି.ଏନ୍.ଏ.)

ମାଲକାନଗିରି ପୌର ପରିଷଦ ଅନ୍ତର୍ଗତ ଏମ୍.ଭି.-୨ ମାଧପୁର ଗ୍ରାମର ମାରବୁରୁ ଆଦିବାସୀ ସଂସ୍କୃତି ସଂଘ ପକ୍ଷରୁ ଗୁରୁବାର ସାନ୍ତାଳୀ ଭାଷା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ସଂଘ ସଭାପତି ରୁପଲାଲ ସୋରେନଙ୍କ ଦ୍ୱାରା ପ୍ରଥମ କରି ସାନ୍ତାଳୀ ଲିପି ଶିକ୍ଷା ଚାଟଶାଳୀ ଉଦ୍‌ଘାଟିତ ହୋଇଛି। ସୋରେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ସହକାରୀ ନିର୍ଦ୍ଦେଶକ ଠାକୁରଦାସ ହାଂସଦା, ମୁଖ୍ୟବକ୍ତା ଭାବେ ବନବାସୀ ଗବେଷକ ରତ୍ନାକର ଦାସ, ସମ୍ମାନିତ ଅତିଥି ରୂପେ ନାରାୟଣ ହାଂସଦା, ମାଣିକ ହାଂସଦା, ଶାନ୍ତି ହାଂସଦା ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରି ରଘୁନାଥଙ୍କ ସାନ୍ତାଳୀ ଭାଷା ଓ ସାନ୍ତାଳୀ ସମାଜ ପ୍ରତି ରହିଥିବା ଅବଦାନର ସ୍ମୃତିଚାରଣ କରିଥିଲେ। ଓଡିଶାରେ ୬୨ ପ୍ରକାର ଜନଜାତିଙ୍କ ମଧ୍ୟରେ ସାନ୍ତାଳୀ ଜନଜାତି ନିଜର ଭାଷା ଓ ଲିପି ସ୍ୱତନ୍ତ୍ର ଭାବେ ବଜାୟ ରଖିବା ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି କରି ଆସୁଛି। ୨୦୦୩ ଡିସେମ୍ବର ୨୨ ତାରିଖରେ ଭାରତ ସମ୍ବିଧାନର ଅଷ୍ଟମ ସୂଚୀରେ ସାନ୍ତାଳୀ ଭାଷା ସ୍ଥାନିତ ହୋଇଛି। ଉଦ୍‌ଘାଟିତ ଏହି ନୂତନ ଚାଟଶାଳୀରେ ସପ୍ତାହର ୪ ଦିନ ସାନ୍ତାଳୀ ଲେଖକ ଠାକୁରଦାସ ହାଂସଦା ପିଲାମାନଙ୍କୁ ସାନ୍ତାଳୀ ଭାଷାରେ ଶିକ୍ଷାଦାନ କରିବେ। ଶେଷରେ ସାନ୍ତାଳୀ ଯୁବତୀଯୁବକମାନେ ନୃତ୍ୟ ପରିବେଷଣ କରିଥିଲେ।


ଅତିଥିମାନେ ସ୍ୱର୍ଗତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

**ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା**

ମାଲକାନଗିରି,(ଡି.ଏନ୍.ଏ.)- ଆଗାମୀ ଦିନରେ ରାଜ୍ୟରେ ଆୟୋଜନ ହେବାକୁ ଯାଉଛି ହକି ବିଶ୍ୱକପ୍ ମହାକୁମ୍ଭ। ଏଥିପାଇଁ ସମସ୍ତ ରାଜ୍ୟକୁ ଉତ୍ସବମୁଖର କରିବା ଲାଗି ପଞ୍ଚାୟତ ଏବଂ ପଞ୍ଚାୟତ ସମିତି ସ୍ତରରେ କ୍ରୀଡ଼ା ପ୍ରତିଯୋଗିତାମାନ ହେଉଛି। ମାଲକାନଗିରି ବ୍ଲକର ୧୯ଟି ପଞ୍ଚାୟତରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଯାଇଛି। ବ୍ଲକ ସ୍ତରରେ ମାଲକାନଗିରି ବ୍ଲକ ଏମ୍.ଭି.-୭ ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଥିଲା। ପିଲାଙ୍କ ମଧ୍ୟରେ ଅଖା ଦୌଡ଼, ଲମ୍ବଡ଼ିଆଁ, ଉଚ୍ଚଡିଆଁ, ଶର୍ଟପୁଟ୍ ଥ୍ରୋ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମି, ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର, ଅତିରିକ୍ତ ନିର୍ବାହୀ ଅଧିକାରୀ ଅଭିଜିତ ସେଠୀ, ପ୍ରଧାନଶିକ୍ଷକ ଏ. ଈଶ୍ୱର ରାଓ ଥିଲେ।

## ସଂକ୍ଷେପରେ

### ନାବାଳିକାଙ୍କ ଆତ୍ମହତ୍ୟା

ଡାବୁଗାଁ, ୨୨।୧୨ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ନୂଆଗୁଡ଼ା ଗ୍ରାମରେ ବେକରେ ଓଢ଼ଣି ବାନ୍ଧି ଜଣେ ନାବାଳିକା ଆତ୍ମହତ୍ୟା କରିଥିବା ନେଇ ଗୁରୁବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଜଳଧର ହରିଜନଙ୍କ ଝିଅ ଖୁସ୍‌ବୁ (୧୪)। ସୂଚନାନୁଯାୟୀ, ଜଳଧର କୌଣସି କାମରେ ଘରୁ ବାହାରକୁ ଯାଇଥିଲେ। ପୂର୍ବାହ୍ନ ୧୦ଟାରେ ଘରକୁ ଫେରିବାବେଳକୁ କବାଟ ଭିତର ପଟୁ ବନ୍ଦ ଥିବା ଦେଖି ଖୁସ୍‌ବୁଙ୍କ ଡାକିଥିଲେ। କିନ୍ତୁ ସେ କବାଟ ନ ଖୋଲିବାରୁ ତାହାକୁ ଭାଙ୍ଗି ଜଳଧର ଘରକୁ ପଶିଥିଲେ। ଘରେ ଖୁସ୍‌ବୁ ଓଢ଼ଣି ବେକରେ ବାନ୍ଧି ଝୁଲୁଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାରକରି ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜଳଧର ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଏଏସ୍‌ଆଇ ପୁଷ୍ପଲତା ସୁନାନୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତ୍ୟୁର କାରଣ ଜଣା ପଡିନାହିଁ। ଥାନାଧିକାରୀ ପ୍ରମୋଦ ନାୟକ ଘଟଣାର ତଦନ୍ତ କରୁଛନ୍ତି। ପୋଲିସ ୩୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଶର୍ଟସର୍କିଟରୁ ଘରେ ଅଗ୍ନିକାଣ୍ଡ



ରାୟଗଡ଼ା,୨୨।୧୨(ସ୍ୱ.ପ୍ର.)- ରାୟଗଡ଼ା ସଦର ରୟତ କଲୋନୀ ସ୍ଥିତ ଏକ ଘରେ ଗୁରୁବାର ସନ୍ଧ୍ୟାରେ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ରାୟତ କଲୋନୀ ୩ୟ ଲାଇନ୍ ସ୍ଥିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜୁଳା କାର୍ଜିଙ୍କ ଘରେ ଶର୍ଟସର୍କିଟ ଅଗ୍ନିକାଣ୍ଡ ଘଟିଛି। ତେବେ ଏହି ସମୟରେ ଘରେ କେହି ନ ଥିବାବେଳେ କେବଳ ପୋଷା କୁକୁର ଥିଲା। ମଞ୍ଜୁଳାଙ୍କ ଦୁଇ ପୁତୁରା ବାହାରକୁ ଯାଇଥିବା ବେଳେ ମଞ୍ଜୁଳା ପଡ଼ୋଶୀ ଘରେ ବସିଥିଲେ। କ୍ଷୀର ବାଲା କ୍ଷୀର ଦେବା ପାଇଁ ଡାକିବାରୁ ମଞ୍ଜୁଳା ଆସି ଘର କବାଟ ଖୋଲିଥିଲେ। ଏହି ସମୟରେ ଘରେ ନିଆଁ ଲାଗିଥିବା ସେ ଦେଖିବାକୁ ପାଇଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏହି ଅଗ୍ନିକାଣ୍ଡରେ ପ୍ରାୟ ୭୦ ହଜାର ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ କେହି ମୃତାହତ ହୋଇନାହାନ୍ତି।

### ଦାମନଯୋଡ଼ି ଡିପିଏସ୍‌ରେ କ୍ରୀଡ଼ା ଉତ୍ସବ



ଦାମନଯୋଡ଼ି,୨୧।୧୨(ଡି.ଏନ୍.ଏ.)- ନାଲ୍‌କୋ ଟାଉନଶିପସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ୍)ରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜାଦୀ କା ଅମୃତ ମହୋତ୍ସବ ପାଇଁ ସ୍ୱତନ୍ତ୍ର ରୂପେ ଏହି କ୍ରୀଡ଼ା ସମର୍ପିତ ଥିଲା। ଦେଶାତ୍ମବୋଧକ ସଙ୍ଗୀତ, ନୃତ୍ୟ ପ୍ରଦର୍ଶନ ସହ ମହାତ୍ମାଗାନ୍ଧୀଙ୍କ କୁଟୀର ଶିଳ୍ପ, ଖେଲୋ ଇଣ୍ଡିଆ,ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ଓ ଭାରତୀୟଙ୍କ ସାହସିକତାର ପ୍ରଦର୍ଶନ ହୋଇଥିଲା। ବିଭିନ୍ନ ଖେଳ, ସମୂହ ଡ୍ରିଲ୍, ମଶାଲ ଡ୍ରିଲ୍ ଆଦି ଚିତ୍ତାକର୍ଷକ ଥିଲା। ଏହି ଅବସରରେ ସ୍କୁଲର ବାର୍ଷିକ ମୁଖପତ୍ର 'ଡିପ୍ ଡିଓ' ଉନ୍ମୋଚିତ ହୋଇଥିଲା। ଅଭିଭାବକମାନେ ପିଲାଙ୍କ ପରୀକ୍ଷାର ନମ୍ବରରେ ଦୁଃଖ ନ କରି ପିଲାଙ୍କୁ ମାନବୀୟ ମୂଲ୍ୟବୋଧ ଶିକ୍ଷା ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ନାଲ୍‌କୋ ଇଡି, ବିଭିନ୍ନ ସମୂହ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ ଓ ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। ସ୍କୁଲ ଅଧକ୍ଷା ବିବରଣୀ ପାଠ କରିଥିଲେ। ଶେଷରେ କ୍ରୀଡ଼ା ପତାକା ଅବତରଣ ଓ ଜାତୀୟ ସଙ୍ଗୀତ ଗାନ କରି ଉତ୍ସବ ଉଦ୍‌ଯାପିତ ହୋଇଥିଲା।

### ଅଟୋ ସଂଘର ନୂତନ କର୍ମକର୍ତ୍ତା ଚୟନ

ଗୁଣପୁର,୨୧।୧୨(ଡି.ଏନ୍.ଏ.)ଗୁଣପୁର ଅଟୋ ସଂଘର ନୂତନ କର୍ମକର୍ତ୍ତା ଚୟନ ବୁଧବାର ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଗୁପ୍ତ ପ୍ରସାଦ ବାଉରୀ ସର୍ବସମ୍ମତି କ୍ରମେ ମନୋନିତ ହୋଇଥିଲେ। ଉପ ସଭାପତି ଭାବେ ରାମଚନ୍ଦ୍ର ମହାନ୍ତି, ସମ୍ପାଦକ ଅଜିତ କୁମାର ଶ୍ରୀରାମ, ଯୁଗ୍ମ ସମ୍ପାଦକ ଜି. ସୁରେଶ କୁମାର, କୋଷାଧକ୍ଷ ଜି. ବସନ୍ତ କୁମାର, ସହ କୋଷାଧକ୍ଷ ପ୍ରଦୀପ କୁମାର ମିଶ୍ର ଚୟନ ହୋଇଥିଲେ। ସେହିପରି ଆଇନ ଉପଦେଷ୍ଟା ଭାବେ ଅକ୍ଷୟ କୁମାର ଶତପଥୀ ଚୟନ ହୋଇଥିଲେ।

# ସମ୍ପୂର୍ଣ୍ଣ ହେଉନି ରାୟଗଡ଼ା ରେଳ ଡିଭିଜନ କାର୍ଯ୍ୟ

■ ୨୦୧୯ ରେ ହୋଇଥିଲା ଡିଭିଜନ ଘୋଷଣା
■ ପାର୍ଲାମେଣ୍ଟରେ ପୁଣି ପ୍ରଶ୍ନ ଉଠାଇଲେ ସପ୍ତଗିରି

ରାୟଗଡ଼ା,୨୨।୧୨(ସ୍ୱ.ପ୍ର.)



ଶୀତଳ ଭଣ୍ଡାରରେ ରାୟଗଡ଼ା ରେଳ ଡିଭିଜନ। ୨୦୧୯ ରେ ରେଳ ଡିଭିଜନ ଘୋଷଣା ହୋଇଥିଲା। ଏହାମଧ୍ୟରେ ୩ବର୍ଷ ବିତିଗଲାଣି। ଅନୁଦାନ ଗୃହୀତ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବ ଯୋଗୁ କାମ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ରେଳ ଡିଭିଜନକୁ ନେଇ ପୁଣି ପାର୍ଲାମେଣ୍ଟରେ ପ୍ରଶ୍ନ ଉଠାଇଥିବାବେଳେ ରେଳମନ୍ତ୍ରୀ ଏହାର ଉତ୍ତର ରଖିଛନ୍ତି। ୨୦୧୯ ବଜେଟରେ କେନ୍ଦ୍ର ସରକାର ରାୟଗଡ଼ା ଠାରେ ରେଳ ଡିଭିଜନ ସ୍ଥାପନ ନେଇ ତତ୍କାଳୀନ ରେଳମନ୍ତ୍ରୀ ପୀୟୁଷ ଗୋଏଲ ଘୋଷଣା କରିଥିଲେ। ଘୋଷଣାର ଦୀର୍ଘ ୨ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଏହା ପଡ଼ି ରହିଥିଲା। ୨୦୨୧ରେ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ଏବଂ ରାୟଗଡ଼ା ଗସ୍ତରେ ଆସିବା ପରେ ଡିଭିଜନ କାର୍ଯ୍ୟ ତ୍ୱରାନ୍ୱିତ ହେବା ନେଇ ଆଶା ଉଜ୍ଜୀବିତ ହୋଇଥିଲା। ହେଲେ ଏ ପର୍ଯ୍ୟନ୍ତ ରେଳ ଡିଭିଜନ ପ୍ରକଳ୍ପ ନେଇ କୌଣସି କାର୍ଯ୍ୟ ଠିକ୍‌ରେ ହେଉ ନ ଥିବା ଜଣାପଡ଼ିଛି। ଏପରିକି ରାୟଗଡ଼ା ରେଳ ଡିଭିଜନ କାର୍ଯ୍ୟ ତଦାରଖ ପାଇଁ ନିଯୁକ୍ତ ହୋଇଥିବା ନୋଡାଲ ଅଫିସର ମାନେ ଏବେ ଅଛନ୍ତି କି ନାହିଁ ତାହାର ସୂଚନା ମଧ୍ୟ କାହା ନିକଟରେ ନାହିଁ। ରେଲୱେ ପକ୍ଷରୁ ୧୭୦ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସୂଚନା ଦିଆଯିବା ସହ ପ୍ରସ୍ତାବିତ ରେଳ ଡିଭିଜନ କାର୍ଯ୍ୟାଳୟର ଥ୍ରୀ-ଡି ଚିତ୍ର ମଧ୍ୟ ସୋସିଆଲ ମିଡିଆରେ ଛଡ଼ାଯାଇଥିଲା। ହେଲେ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ଜମି ଚିହ୍ନଟ କରି ମନ୍ତ୍ରୀଙ୍କ ଘୋଷଣା ପରେ ମଧ୍ୟ କାହିଁକି ରେଳ ଡିଭିଜନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି।

ବିଶାଖାପାଟଣା ଡିଭିଜନରୁ ଅଲଗା ହୋଇ ରାୟଗଡ଼ା ଏକ ନୂତନ ଡିଭିଜନ ହେବ। ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ଷ୍ଟେଶନ ରାୟଗଡ଼ା ଡିଭିଜନ ଅଧୀନକୁ ଚାଲିଯିବ। ଏହାଦ୍ୱାରା ବିଶାଖାପାଟଣା ଡିଭିଜନର ଆର୍ଥିକ କ୍ଷତି ଘଟିବା ଆଶଙ୍କା ରହିଛି। ଏହି କାରଣରୁ ରାୟଗଡ଼ା ଡିଭିଜନ ନିର୍ମାଣରେ ବିଳମ୍ବ କରାଯାଉଛି ବୋଲି ରାୟଗଡ଼ା ଜିଲାର ବୁଦ୍ଧିଜୀବୀ ମତ ରଖିଛନ୍ତି। ଅପରପକ୍ଷେ ରେଳ ଡିଭିଜନ କାର୍ଯ୍ୟର ସ୍ଥିତି, ସାଉଥ୍‌କୋଷ୍ଟ ରେଳ ଜୋନ୍ ଏବଂ ରାୟଗଡ଼ା ରେଳ ଡିଭିଜନ ନିର୍ମାଣ ପାଇଁ ବ୍ୟୟବରାଦ ହୋଇଥିବା ୧୭୦ କୋଟି ଟଙ୍କା ବାବଦରେ ଏମ୍‌ପି ପାର୍ଲାମେଣ୍ଟରେ ପ୍ରଶ୍ନ ଉଠାଇଥିଲେ। ଏହାର ଉତ୍ତରରେ ରେଳମନ୍ତ୍ରୀ ରାମମୋହନ ନାଇଡୁ କିଞ୍ଜାରାପୁ ଉତ୍ତର ରଖି କହିଛନ୍ତି, ୨୦୨୦-୨୧ ଆର୍ଥିକ ବର୍ଷରେ ନିର୍ମାଣ କାର୍ଯ୍ୟ ପାଇଁ ୩ କୋଟି ଟଙ୍କା ଅନୁଦାନ ରହିଥିବା ବେଳେ କୌଣସି ଖର୍ଚ୍ଚ ହୋଇନାହିଁ। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷରେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ନେଇ ଅଟକଳ ରହିଥିବା ବେଳେ ୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ମଧ୍ୟ ୪୦ ଲକ୍ଷ ଟଙ୍କାର ବ୍ୟୟବରାଦ ରହିଥିବା ବେଳେ ମାତ୍ର ୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସାଉଥ୍‌କୋଷ୍ଟ ରେଳ ଜୋନ୍ ହେଡ୍‌କ୍ୱାର୍ଟର ଏବଂ ରାୟଗଡ଼ା ରେଳ ଡିଭିଜନ ନିର୍ମାଣ ପାଇଁ ୨୦୨୨ ନଭେମ୍ବର ୧୦ ରେ ୧୦୬.୮୯ କୋଟି ଟଙ୍କାର ବଜେଟ ଗୃହୀତ ହୋଇଛି। ଜୋନାଲ ହେଡ୍‌କ୍ୱାର୍ଟର ପାଇଁ ସ୍ଥାନ ନିରୂପଣ ମଧ୍ୟ ସରିଛି। ସାଉଥ୍‌କୋଷ୍ଟ ଜୋନ୍ ଏବଂ ରାୟଗଡ଼ା ଡିଭିଜନ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଏକ କମିଟି ଗଠନ କରାଯାଇଛି। ରେଳ ଡିଭିଜନ କାର୍ଯ୍ୟ ସମ୍ପୂର୍ଣ୍ଣ ନେଇ ସେଭଳି କୌଣସି ସମୟସୀମା ଧାର୍ଯ୍ୟ କରାଯାଇନାହିଁ ବୋଲି ମନ୍ତ୍ରୀ ରାମମୋହନ ନାଇଡୁ ପ୍ରକାଶ କରିଛନ୍ତି। ହେଲେ ରାୟଗଡ଼ା ରେଳ ଡିଭିଜନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଶେଷ ହେବାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ, ୮ ଗିରଫ



ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

ପଦ୍ମପୁର,୨୨।୧୨(ଡି.ଏନ୍.ଏ.)

ଗଞ୍ଜେଇ ଚୋରାଚାଲାଣ ବେଳେ ପଦ୍ମପୁର ପୋଲିସ ୧୪୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୮ ଜଣଙ୍କୁ ଗିରଫ କରାଯିବା ସହ ଗଞ୍ଜେଇ ଚାଲାଣରେ ବ୍ୟବହୃତ ୨ କାର୍, ଗୋଟିଏ ଟ୍ରକ୍ ଏବଂ ୧ ଲକ୍ଷ ୪୫ ହଜାର ୯୧୦ ଟଙ୍କା ଜବତ କରାଯାଇଛି। ଗିରଫମାନେ ହେଲେ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଅଞ୍ଚଳର ଗାଡ଼ି ଚାଳକ ଆର୍. ମୁରଲୀ, ଏ. ଈଶ୍ୱର, ଆର୍. ଗୌତମ, ଏସ୍. ଶଙ୍କର, ଡି. ସେଲବୁଗ ମାର୍ଗମ, ଏମ୍. ବାଲରାଜୁ ଏବଂ ପଦ୍ମପୁର ଅଞ୍ଚଳର ସୁଶାନ୍ତ କୁମାର ସୁନାଶଗଡ଼, ବଳିଆ ମହାନ୍ତି।

ସୂଚନା ଅନୁଯାୟୀ, ବୁଧବାର ସକାଳେ ଗଞ୍ଜେଇ ଚାଲାଣ ନେଇ ପଦ୍ମପୁର ପୋଲିସ ଖବର ପାଇ ତେମ୍ବାଗୁଡ଼ା ପଞ୍ଚାୟତର ବଡ଼ନାଳ ଛକ ନିକଟରେ ଚଢ଼ାଉ କରିଥିଲା। ଗୁଡାରୀ ଅଞ୍ଚଳରୁ ମୋହନା ଗଞ୍ଜେଇ ଚାଲାଣବେଳେ ପୋଲିସ ବଡ଼ନାଳ ଛକ ନିକଟରେ ଧରିଥିଲା। ପଦ୍ମପୁର ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ପଦ୍ମପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସମସ୍ତ ଗିରଫଙ୍କୁ ଗୁଣପୁର କୋର୍ଟ ଚାଲାଣ କରାଯାଇଥିବା ଏସ୍‌ଡିପିଓ ବିକାଶ ବେହୁରା ଓ ପଦ୍ମପୁର ଥାନା ଅଧିକାରୀ ରାଜେଶ ବଳିୟାରସିଂ ସୂଚନା ଦେଇଛନ୍ତି।

# ମଣ୍ଡି ସମସ୍ୟାର ସମାଧାନ ଦାବି

■ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର

ଗୁଣପୁର,୨୨।୧୨(ଡି.ଏନ୍.ଏ.)



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାୟଗଡ଼ା ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଧାନ ମଣ୍ଡିରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏକ ଦାବିପତ୍ର ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଧାନ ମଣ୍ଡି ଶୀଘ୍ର ଖୋଲିବା ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। କୃଷକ ପଞ୍ଜୀକରଣରେ ଅନିୟମିତତା ଓ ପାତର ଅନ୍ତର ନୀତି ବନ୍ଦ କରାଯିବା, ସେଣ୍ଟ୍ରାଲ ଟୋକନ ନାମରେ ସରକାରୀ ପ୍ରାୟୋଜିତ ଭ୍ରଷ୍ଟାଚାର ଓ ଚାଷୀମାରଣ ନୀତି ବନ୍ଦ କରିବା, ଚାଷୀ ମୁଣ୍ଡ ପିଛା ସର୍ବାଧିକ ୬୦ କୁଇଣ୍ଟାଲ ଧାନ ବିକ୍ରି କରିବାର ନିଷ୍ପତ୍ତିକୁ ରଦ୍ଦ କରି ବିକ୍ରି ସୀମା ବୃଦ୍ଧି କରିବା, କଟ୍‌ନି ଛଟ୍‌ନି ବନ୍ଦ କରିବା ଓ ଏହାକୁ ବେଆଇନ ଘୋଷଣା କରିବା, କେନ୍ଦ୍ର ସରକାର ୮ ବର୍ଷ ମଧ୍ୟରେ ସର୍ବନିମ୍ନ ସହାୟକ ମୂଲ୍ୟରେ ପାଖାପାଖି ୭ଶହ ଟଙ୍କା ବୃଦ୍ଧି କରିଛନ୍ତି। ଚାଷୀଙ୍କ ଏମ୍‌ଏସ୍‌ପି ଦରରେ ଉତ୍ପାଦର ଦାମ ମିଳିବା ପାଇଁ ରାଜ୍ୟ ସରକାର ଉତ୍ତର ଦାୟିତ୍ୱ ନିଅନ୍ତୁ, ବସ୍ତା ଓ ସୁତୁଲିର ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯାଉ, ମୁଖ୍ୟମନ୍ତ୍ରୀ ୨୦୧୬ ରେ ଘୋଷଣା କରିଥିବା କୁଇଣ୍ଟାଲ ପିଛା ୧୦୦ ଟଙ୍କା ବୋନସ ତୁରନ୍ତ ଚଳିତ ଋତୁରୁ ଚାଷୀଙ୍କୁ ପ୍ରଦାନ, ଏମ୍‌ଏସ୍‌ପି ପାଇଁ ପ୍ରତି ଜିଲା ଓ ବ୍ଲକରେ ଅଭିଯୋଗ ପ୍ରକୋଷ୍ଠ ଖୋଲିବା ଏବଂ ଚାଷୀଙ୍କୁ ଏମଏସପି ପାଇବାରେ ଅବହେଳା କରୁଥିବା ସମସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ ପ୍ରମୁଖ ଦାବି କରାଯାଇଛି। ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି କୃଷକମୋର୍ଚ୍ଚା ପକ୍ଷରୁ ଚେତାବନି ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ କୃଷକ ମୋର୍ଚ୍ଚାର ଜିଲା ସଭାପତି ଗୋପାଳ ଚନ୍ଦ୍ର ସାହୁଙ୍କ ସମେତ ଉଦୟ ପାଢ଼ୀ, ଧନଞ୍ଜୟ ବେହେରା, ଜି. ରାମକ୍ରିଷ୍ଣା, ରମେଶ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ସାହୁ, ଶରତ ଗୌଡ଼,ଦିଲୀପ କୁମାର ଦାସ,ପ୍ରଶାନ୍ତ କୁମାର ସାହୁକାର ପ୍ରମୁଖ ଉପସ୍ଥିତ ଥିଲେ।

## କଲେଜରେ ଯୁବ ସଂସ୍କାର କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.),୨୨।୧୨

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ହଲରେ ୮ମ ଯୁବ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରସନ୍ନ କୁମାର ଗନ୍ତାୟତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ରୂପେ ରାଜଲକ୍ଷ୍ମୀ ଦେବୀ ଯୋଗଦେଇ ସମାଜରେ ଶିକ୍ଷା ଓ ଶିକ୍ଷାରେ ସାଧାରଣ ଜ୍ଞାନର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଏଥିରେ କଲେଜର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବବିଲତା ସରାଫ



କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସରସ୍ୱତୀ ରାୟ, ମୋନାଲିସା ପାଣିଗ୍ରାହୀ, ସିଲିଲତା ବାରିକ, ସ୍ନେହାଞ୍ଜଳି ପାଣ୍ଡେ, ଆଶୁତୋଷ ବିଶ୍ୱାଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ସ୍କୁଲର ବାର୍ଷିକ କ୍ରୀଡ଼ା




ଛାତ୍ରୀଛାତ୍ରମାନେ ମଶାଲ ଶୋଭାଯାତ୍ରାରେ ଯାଉଛନ୍ତି।

ରାଇଘର, ୨୧।୧୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ସଦର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତିନିଦିନିଆ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନ ସକାଳୁ ସ୍ଥାନୀୟ ହନୁମାନ ମନ୍ଦିର ନିକଟରୁ ଛାତ୍ରୀଛାତ୍ରମାନେ ମଶାଲ ଶୋଭାଯାତ୍ରାରେ ଯାଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ପରୀକ୍ଷିତ ସାହୁ ପତାକା ଉତ୍ତୋଳନ କରିଥିଲେ। ଏହାପରେ କବାଡି, ୨୦୦ମିଟର, ୧୦୦ମିଟର ଦୌଡ଼, ଜାଭେଲିନ, ଶଟ୍‌ପୁଟ୍, ଡିସ୍କସ୍ ଥ୍ରୋ, ଲଙ୍ଗଜମ୍ପ, ହାଇଜମ୍ପ ଆଦି ଖେଳ ଆରମ୍ଭ ହୋଇଥିଲା। ଖେଳଗୁଡିକୁ ଅଧ୍ୟାପକ ଦୀନବନ୍ଧୁ ନନ୍ଦୀ, ରମେଶ ଚନ୍ଦ୍ର ପଟ୍ଟନାୟକ, କିଶୋର କୁମାର ପାଲ, ଦିବାକର ଚନ୍ଦ୍ର ଦେ, ଜଗଦୀଶ ଚନ୍ଦ୍ର ପଟ୍ଟନାୟକ, ଅଧ୍ୟାପିକା ରେଣୁକା ସାମଲ, ପ୍ରଜ୍ଞାଭା ଭୂୟାଁ, ଦିଲୀପ କୁମାର ପୋଦ୍ଦାର, ଶକ୍ତିକାନ୍ତ ଜେନା,ସଦାରାମ କେଉଟ, ବୁନ୍ଦେଶ୍ୱର ମଣ୍ଡଳ, ବିଭୀଷଣ ଗଣ୍ଡ, ଭବାନୀ ପନକା ପରିଚାଳନା କରିଥିଲେ। ପିଇଟି ପୂର୍ଣ୍ଣ ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ତତ୍ତ୍ୱାବଧାନ କରିଥିଲେ।

# ଗଣିତ ଦିବସ ପାଳିତ

ଗୁଣପୁର,୨୨।୧୨(ଡି.ଏନ୍.ଏ.)

ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜିର ବେସିକ୍‌ସାଇନ୍ସ ଆଣ୍ଡ ହ୍ୟୁମାନିଟିସ୍ ବିଭାଗ ଓ ସ୍କୁଲ ଅଫ୍ ସାଇନ୍ସ ପକ୍ଷରୁ ଗୁରୁବାର ଜାତୀୟ ଗଣିତ ଦିବସ ଅବସରରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲଜିର ଡିନ୍ ଏ. ବି. ଶ୍ରୀନିବାସ ରାଓ, ଡିନ୍ ଏକାଡେମିକ୍ସ ଏ.ଭି.ଏନ.ଏଲ୍. ଶର୍ମା, ପରୀକ୍ଷା ନିୟନ୍ତ୍ରକ ପି. ବିଜୟ କୁମାର ପ୍ରମୁଖ ଉପସ୍ଥିତ ରହି ବିଖ୍ୟାତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ବେସିକ୍ ସାଇନ୍ସ ବିଭାଗ ମୁଖ୍ୟ ଦିଲୀପ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ରଖିଥିଲେ। ପାଠଚକ୍ରର ଆବାହକ ବିପ୍ଳବ କୁମାର ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଛାତ୍ରୀ ଅଙ୍କିତା ସାହୁ ମଞ୍ଚ ପରିଚାଳନା କରିଥିଲେ। ଭେଲୋର ସ୍ଥିତ ଭିଆଇଟି ବିଶ୍ୱବିଦ୍ୟାଳୟର ପ୍ରଫେସର ବି.କେ. ତ୍ରିପାଠୀ ଯୋଗଦେଇ ରାମାନୁଜନ୍‌ଙ୍କ ଉପରେ ଆଲୋକପାତ କରିଥିଲେ। ରେଜିଷ୍ଟ୍ରାର ଏନ.ଭି.ଜେ. ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା।

ସେହିଭଳି ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଧ୍ୟ ଗଣିତ ଦିବସ ପାଳନ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଭବ ମୋହନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା କମିଟିର ସମ୍ପାଦକ ସୋମନାଥ ଗୌଡ଼, ଆରଏସ୍‌ଏସ୍‌ର ଖଣ୍ଡ କାର୍ଯ୍ୟବାହ ବାଲଗୋପାଲ ପାଢ଼ି ପ୍ରମୁଖ ମଞ୍ଚାସିନ ଥିଲେ। ଆଚାର୍ଯ୍ୟା ହେମଲତା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଚାର୍ଯ୍ୟ ମନୋଜ କୁମାର ମହାରଣା ବିଶ୍ୱ ବିଖ୍ୟାତ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପିଲାଙ୍କ ମଧ୍ୟରେ ଗଣିତ ଆଧାରିତ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପୂର୍ବତନ ଆଚାର୍ଯ୍ୟ ଅଦ୍ୱୈତ କୁମାର ପାଣିଗ୍ରାହୀ ପିଲାଙ୍କୁ ମାର୍ଗଦର୍ଶନ କରିଥିଲେ। ଆଚାର୍ଯ୍ୟ ଦୂର୍ଗା ପ୍ରସାଦ ସୁଆର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଗଣିତ ଦିବସରେ ଡ୍ରପ୍‌ଆଉଟ ପିଲାଙ୍କୁ ଉତ୍ସାହିତ

ବିଷମକଟକ,୨୨।୧୨(ଡି.ଏନ୍.ଏ.)

ବିଷମକଟକ ବ୍ଲକରେ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ଥିବା ପିଲାଙ୍କ ପାଇଁ କାମ କରୁଛି ପ୍ରଥମ ଏଜୁକେଶସନ ଫାଉଣ୍ଡେସନ। ଗୁରୁବାର ଉକ୍ତ ଫାଉଣ୍ଡେସନ ପକ୍ଷରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ ଚଞ୍ଚଡ଼ଗୁଡ଼ା ପଞ୍ଚାୟତ ଅଫିସରେ ପ୍ରଥମ ସେକେଣ୍ଡ ଚାନ୍ସ ପ୍ରୋଗ୍ରାମ ପକ୍ଷରୁ ରାଷ୍ଟ୍ରୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରଥମ ସେକେଣ୍ଡ ଚାନ୍ସରେ ପଢୁଥିବା ବିଦ୍ୟାର୍ଥୀ ମାନେ ଗଣିତ ପାଠ୍ୟକ୍ରମର ବିଭିନ୍ନ ପ୍ରକାର ମଡେଲ ତିଆରି କରି ପ୍ରଦର୍ଶନ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଏବଂ ଚଞ୍ଚଡ଼ାଗୁଡ଼ା ଗ୍ରାମବାସୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମ୍ପାଦକ ସନ୍ତୋଷ ମଲିକ ଏବଂ ଚଞ୍ଚଡ଼ାଗୁଡ଼ା ସରପଞ୍ଚ ଚଞ୍ଚଳା ୱାଡାକା କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିସହ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ଗୌଡ଼ ଏବଂ ସୁଦାମ ଦାସ ଯୋଗଦେଇ ଡ୍ରପ୍‌ଆଉଟ ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ମୁଖ୍ୟ ସୁରେନ୍ଦ୍ର କୁମାର ପସାୟତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ମେଳାରେ ପ୍ରଥମ ସେକେଣ୍ଡ ଚାନ୍ସର କର୍ମଚାରୀ ଦିଲୀପ ଲିମା, ବବି ସୂର୍ଯ୍ୟ, ଯଶୋବନ୍ତ ନାଗ, ସଙ୍ଗୀତା କୁଲୁଳିଆ, ପ୍ରତିମା ଗୌଡ଼ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରୁଛନ୍ତି।

ରାୟଗଡ଼ା ଅଫିସ,୨୨।୧୨

ରାୟଗଡ଼ା ସଦର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ୨୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଅନସୂୟା ମାଝି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାୟଗଡ଼ା କଲେଜର ଅଧ୍ୟକ୍ଷ ପ୍ରସନ୍ନ କୁମାର ଗନ୍ତାୟତ ଓ ସମ୍ମାନିୟ ଅତିଥି ରୂପେ ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ଅତିଥି ମାନେ କ୍ରୀଡ଼ାର ମହତ୍ୱ, ଜାତୀୟ ଶିକ୍ଷାନୀତି ଓ କ୍ରୀଡ଼ା ଦ୍ୱାରା କିପରି ଶାରୀରିକ ତଥା ବୌଦ୍ଧିକ ବିକାଶ ହୋଇଥାଏ ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ବାର୍ଷିକ କ୍ରୀଡ଼ାରେ ମୋଟ ୮୫୦ ଶିଶୁ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପରାମର୍ଶଦାତା ଲକ୍ଷ୍ମୀକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ଚୌଧୁରୀ ପରିଚାଳନା କରିଥିଲେ। ଧୀରେନ୍ଦ୍ର ମିଶ୍ର, ଦିଲୀପ ପ୍ରଧାନ, ମନୋଜ ପଡ଼ିଆରୀଙ୍କ ସମେତ ସମସ୍ତ ଗୁରୁମା ଓ ଗୁରୁଜୀ ଏଥିରେ ସହଯୋଗ କରିଥିଲେ।

## ମାଁ ମାର୍କମା କଲେଜରେ ଗଣିତ ଦିବସ ପାଳିତ

ବିଷମକଟକ,୨୨।୧୨(ଡି.ଏନ୍.ଏ.)

ବିଷମକଟକ ସ୍ଥିତ ମାଁ ମାର୍କମା କଲେଜରେ ଜାତୀୟ ଗଣିତ ଦିବସ ଗୁରୁବାର ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ କ୍ୟାପ୍‌ଟେନ ବି. ରବିଶଙ୍କର ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଗଣିତ ଦିବସ ପାଳନ ବିଷୟରେ କହିଥିଲେ। କାର୍ଯ୍ୟକ୍ରମକୁ ଗଣିତ ଅନର୍ସର ଦୁଇ ଛାତ୍ରୀଛାତ୍ର ଅମିତ କୁମାର ପୁଷ୍ପରେଡି ଓ ସୋନୁ ପ୍ରଧାନ ପରିଚାଳନା କରିଥିଲେ। ଗଣିତ ବିଭାଗର ଅଧ୍ୟାପିକା ସାଗରିକା ପଟ୍ଟନାୟକ, ଶ୍ରୀନିବାସ ରାମାନୁଜଙ୍କ ବାଲ୍ୟ ଜୀବନ ଓ କୃତିତ୍ୱ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଗଣିତ ବିଭାଗର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ଏହି ଦିବସ ପାଳନ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।



କାର୍ଯ୍ୟକ୍ରମରେ ଅଧ୍ୟକ୍ଷ, ଅଧ୍ୟାପିକା ଓ ଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର।

# କୋଟିପତି ଇଡ୍‌କଲ୍ ଅଧିକାରୀ ଗିରଫ

**୧୦ କୋଟିର ଆୟ ବହିର୍ଭୂତ ସମ୍ପତ୍ତି ଠାବ**
■ ମଙ୍ଗଳବାର ୭ ସ୍ଥାନରେ ଚଢ଼ାଉ ହୋଇଥିଲା
■ ବର୍ଷକରେ ୨୭୦ ମାମଲା ରୁଜୁ କଲାଣି ଭିଜିଲାନ୍ସ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ଡେଭଲପ୍‌ମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍(ଇଡ୍‌କଲ୍)ର ଅଫିସର ତଥା କୋରାପୁଟ ଜିଲା ଆମ୍ବାଭାଲି ଲାଇମ୍ ଷ୍ଟୋନ୍ ମାଇନ୍‌ସର ଜଏଣ୍ଟ ମ୍ୟାନେଜର ଗୟା ସାନ୍ତରାଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ଦୁଇଦିନର ଚଢ଼ାଉ ଓ ଯାଞ୍ଚ ପରେ ଗୟା ଏବଂ ତାଙ୍କ ପରିବାର ସଦସ୍ୟଙ୍କଠାରୁ ୧୦କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଏହା ତାଙ୍କ ପ୍ରକୃତ ଆୟଠାରୁ ୨୯୦ ଶତକଡ଼ା ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ଗୟା ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୧୧/୨୦୨୨) ରୁଜୁ କରି ଅଧିକ ତଦନ୍ତ କରୁଛି। ତେବେ କୋଟିପତି ଗୟାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜାନୁୟାରୀ ୪ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, କୋରାପୁଟ ଜିଲା ସୁଙ୍କିଗେଟ୍‌ସ୍ଥିତ ଭଡ଼ାଘର, ଆମ୍ବାଭାଲିସ୍ଥିତ କାର୍ଯ୍ୟାଳୟ, ଭୁବନେଶ୍ୱର ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ୩ ମହଲା କୋଠା ଓ ବ୍ୟବସାୟିକ ପ୍ରତିଷ୍ଠାନ, ଜୟଦେବ ବିହାରସ୍ଥିତ ନିର୍ମାଣାଧୀନ ୪ ମହଲା କୋଠା, ନୟାଗଡ଼ ଜିଲା ଓଡ଼ଗାଁସ୍ଥିତ ପୈତୃକ ଘର ଏବଂ ରାୟଗଡ଼ା ଜିଲାର ମୁନିଗୁଡ଼ାସ୍ଥିତ ଶ୍ୱଶୁର ଘରେ ମଙ୍ଗଳବାର ଏକକାଳୀନ ଚଢ଼ାଉ ହୋଇଥିଲା। ଗୟାଙ୍କ ମୋଟ ୧୩ଟି ଫ୍ଲାଟ୍ ସହ ୨ଟି ଚାରିଚକିଆ ଯାନ ଓ ୪ଟି ବାଇକ୍, ନଗଦ ୧ କୋଟି ୬ ଲକ୍ଷ ୪୦ ହଜାର ଟଙ୍କା, ୧ କେଜି ୯୬ ଗ୍ରାମ ସୁନା ଓ ୭ କେଜି ୫୦୦ ଗ୍ରାମ ରୁପା, ୪.୧୯ କୋଟି ଟଙ୍କା ବ୍ୟାଙ୍କ ଜମା ଠାବ ହୋଇଥିଲା।

ଭିଜିଲାନ୍ସ ନିର୍ଦ୍ଦେଶ ଯଶ୍ୱବନ୍ତ ଜେଠୱା ଖବରଦାତା ସମ୍ମିଳନୀରେ କହିଛନ୍ତି, ଚଳିତବର୍ଷରୁ ଏଯାବତ୍ ଭିଜିଲାନ୍ସ ୨୭୦ ମାମଲା ରୁଜୁ କରିଛି। ଏଥିମଧ୍ୟରୁ ୭୫ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରହିଥିବାବେଳେ ୧୧୪ ଲାଞ୍ଚ ଓ ଅନ୍ୟଗୁଡ଼ିକ ଦୁର୍ନୀତି ମାମଲା ରହିଛି। ପ୍ରାୟ ୬୦ଜଣ ପ୍ରଥମ ଶ୍ରେଣୀ କର୍ମଚାରୀଙ୍କ ନାମରେ ମାମଲା ରହିଛି, ଯାହା ଗତ ୫ ବର୍ଷରେ ପ୍ରଥମ। ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ଉଚ୍ଚ ଅଧିକାରୀଙ୍କ ଉପରେ ନଜର ରଖାଯାଉଛି। ତଦନ୍ତକୁ ଅଧିକ ବଳିଷ୍ଠ କରାଯାଉଥିବା ସେ କହିଛନ୍ତି।

